+ 3 Sem – I

ODI – CC – 1 – H – R & B (NC)

# 2023

*Full Marks* : 80

*Time* : 3 hours

*The figures in the right-hand margin indicate marks*

Answer **all** questions

*Candidates are required to write their answers in their own words as far as practicable*

୧। **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ : ୪×୧୫

(କ) ଚର୍ଯ୍ୟାଗୀତିକାର ଧାର୍ମିକ ମୂଲ୍ୟ ବିଚାର କର ।

**ଅଥବା**

ନାଥ ସାହିତ୍ୟର ଭାଷାତାତ୍ତ୍ୱିକ ମୂଲ୍ୟ ନିରୂପଣ କର ।

(ଖ) ''ସରଳା ସାହିତ୍ୟରେ ତତ୍କାଳୀନ ଉତ୍କଳୀୟ ସମାଜ ଜୀବନର ଚିତ୍ର ସୁସ୍ପଷ୍ଟ''—କବିଙ୍କ ରଚନାକୁ ଭିତ୍ତିକରି ଉକ୍ତିଟିର ଯଥାର୍ଥତା ଦର୍ଶାଅ ।

**ଅଥବା**

ସରଳା ସାହିତ୍ୟର ସାହିତ୍ୟିକ ମୂଲ୍ୟ ଉପରେ ଆଲୋକପାତ କର ।

(ଗ) ବଳରାମ ଦାସଙ୍କ କୃତି ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କର ।

**ଅଥବା**

ଜଗନ୍ନାଥ ଦାସଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ ବିଚାର କର ।

(ଘ) ଅଚ୍ୟୁତାନନ୍ଦ ଦାସଙ୍କ ସାହିତ୍ୟକୃତି ସମ୍ପର୍କରେ ସବିଶେଷ ଆଲୋଚନା କର ।

**ଅଥବା**

ଯଶୋବନ୍ତ ଦାସ ଓ ଅନନ୍ତ ଦାସଙ୍କ ସାହିତ୍ୟ ସୃଷ୍ଟିର ପରିଚୟ ଦିଅ ।

୨। **ଯେକୌଣସି ଦଶଗୋଟି** ପ୍ରଶ୍ନର ଉତ୍ତର ସଂକ୍ଷେପରେ ଦିଅ : ୧୦×୨

(କ) 'ବୌଦ୍ଧଗାନ ଓ ଦୋହା' କିଏ ସଂପାଦନା କରିଥିଲେ ଓ ଏହା କେବେ ପ୍ରକାଶ ପାଇଥିଲା?

(ଖ) ଚର୍ଯ୍ୟାଗୀତିକା ଉପରେ ଗବେଷଣା କରିଥିବା ପ୍ରଥମ ଓଡ଼ିଆ ଗବେଷକଙ୍କ ନାମ କ'ଣ ଓ ତାଙ୍କ ଗବେଷଣା ସନ୍ଦର୍ଭର ମଧ୍ୟ ନାମ କ'ଣ?

(ଗ) ''ମାରିଅ ଶାଶୁ ନଣନ୍ଦ ଘରେ ଶାଳୀ/ମାଆ ମାରିଅ କାହ୍ନୁ ଭଇଲ କପାଳୀ''—ଏହାର ଅର୍ଥ ଲେଖ ।

(ଘ) ସାରଳା ଦାସଙ୍କୁ ଶୂଦ୍ରମୁନି କହିବାର ତାତ୍ପର୍ଯ୍ୟ କ'ଣ?

(ଙ) 'ଦେବୀ ଭାଗବତ'ର ଅନ୍ୟ ନାମ କ'ଣ? ଏହାର ସ୍ରଷ୍ଟା କିଏ?

(ଚ) 'ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ'—ଏଭଳି କହାଯିବାର କାରଣ କ'ଣ?

(ଛ) ଦାଣ୍ଡିବୃତ୍ତର ବୈଶିଷ୍ଟ୍ୟ ଉଲ୍ଲେଖ କର ।

(ଜ) ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ କହିଲେ କ'ଣ ବୁଝ?

(ଝ) 'ଶ୍ରୀମଦ୍ ଭାଗବତ'ର ରଚୟିତା କିଏ? ସେ କେଉଁ ଉପାଧିରେ ଭୂଷିତ ହୋଇଥିଲେ?

(ଞ) ରାମାୟଣର କାଣ୍ଡ ସଂଖ୍ୟା କେତେ ଓ କ'ଣ କ'ଣ?

(ଟ) 'ହେତୁ ଉଦୟ ଭାଗବତ'ର ସ୍ରଷ୍ଟା କିଏ? ଏହା କେଉଁ ପ୍ରକାର ରଚନା?

(ଠ) ଅଚ୍ୟୁତାନନ୍ଦ ଦାସଙ୍କ ଶ୍ରେଷ୍ଠ ରଚନା କେଉଁଟି? ତାହା କେତେ ଖଣ୍ଡରେ ବିଭକ୍ତ?

(ଡ) 'ଗୋବିନ୍ଦ ଚନ୍ଦ୍ର' ଓ 'ଟୀକା ଗୋବିନ୍ଦ ଚନ୍ଦ୍ର'—ଉଭୟ ସୃଷ୍ଟିର ରଚୟିତାମାନଙ୍କ ନାମ ଲେଖ ।

(ଢ) 'ଅର୍ଥକୋଇଲି' କାହାର ରଚନା? କେଉଁ ଦୁଇ ଚରିତ୍ରଙ୍କ ଉକ୍ତି-ପ୍ରତ୍ୟୁକ୍ତିଛଳରେ ଏହା ରଚିତ?

(ଣ) ଶୂନ୍ୟ ଉପାସନାର ଅର୍ଥ କ'ଣ?

★★★